# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 10 June – 2026

**********************************

## ମୁଖ୍ୟ ସମ୍ବାଦ

- ଭାରତର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ଦିନ ଦାୟିତ୍ୱ ନିର୍ବାହ କରି ଇତିହାସ ରଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନ ଜଣାଇ କେନ୍ଦ୍ର କ୍ୟାବିନେଟ୍‌ରେ ପାରିତ ହେଲା ସଂକଳ୍ପ

- ଦେଶରେ ଗ୍ରାମୀଣ ବିକାଶ ପାଇଁ କେନ୍ଦ୍ର ସରକାର ୧ ଲକ୍ଷ ୨୫ ହଜାର କୋଟିରୁ ଅଧିକ ଟଙ୍କାରପ୍ରଦାନ କରିଥିବା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସୂଚନା

- ନୀତି ଆୟୋଗ ବୈଠକରେ ଯୋଗଦେବା ପାଇଁ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଏବଂ

- ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା

# ପ୍ରଧାନମନ୍ତ୍ରୀ-୧

ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଭାରତର ସବୁଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇତିହାସ ସୃଷ୍ଟି କରିଛନ୍ତି । ୨୦୧୪ ମେ ମାସ ୨୬ ତାରିଖରେ ଶ୍ରୀ ମୋଦୀ ଭାରତର ପ୍ରଧାନମନ୍ତ୍ରୀ ଭାବେ ପ୍ରଥମଥର ପାଇଁ ଶପଥ ଗ୍ରହଣ କରିଥିଲେ । ଆଜି ସୁଦ୍ଧା ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଭାବେ ୪ ହଜାର ୩୯୯ଦିନ ଦାୟିତ୍ୱ ନିର୍ବାହ କରିସାରିଲେଣି । ଏ କ୍ଷେତ୍ରରେ ଶ୍ରୀ ମୋଦୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ କାର୍ଯ୍ୟକାଳ ଅବଧିକୁ ଅତିକ୍ରମ କରିଛନ୍ତି ।୧୯୫୨ ମସିହା ମେ ମାସ ୧୩ ତାରିଖରେ ପଣ୍ଡିତ ନେହେରୁ ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ୧୯୬୪ ମସିହା ମେ ମାସ ୨୭ ତାରିଖ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର କାର୍ଯ୍ୟକାଳ ୪ ହଜାର ୩୯୮ ଦିନ ରହିଥିଲା । ସାଧାରଣ - ସାମାଜିକ, ଆର୍ଥିକ ପୃଷ୍ଠଭୂମିରୁ ସର୍ବୋଚ୍ଚ ନିର୍ବାଚିତ ପଦବୀକୁ ଶ୍ରୀ ମୋଦୀଙ୍କ ଉତ୍ଥାନ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ରହିଥିବା ସୁଯୋଗ ଏବଂ ସାମାଜିକ ଗତିଶୀଳତାର ଏକ ଉଦାହରଣ ପାଲଟିଛି ।

ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଇତିମଧ୍ୟରେ ଭାରତ ବିଶ୍ୱର ଦ୍ରୁତ ଗତିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି । ୩୦ରୁ ଅଧିକ ଦେଶ ଶ୍ରୀ ମୋଦୀଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି । ବୈଶ୍ୱିକ କ୍ଷେତ୍ରରେ ବିଭିନ୍ନ ରାଷ୍ଟ୍ର ଶ୍ରୀ ମୋଦୀଙ୍କୁ ସର୍ବାଧିକ ଲୋକପ୍ରିୟ ଗଣତାନ୍ତ୍ରିକ ନେତା ଭାବେ ମାନ୍ୟତା ପ୍ରଦାନ କରିଛନ୍ତି । ଏହି ସଫଳତା ପାଇଁ ଶ୍ରୀ ମୋଦୀଙ୍କୁ ବିଶ୍ୱର ବିଭିନ୍ନ ନେତା ଶୁଭେଚ୍ଛା ଜଣାଇଛନ୍ତି ।

All PTC/Nabarangpur(Voice)/English Pool

# ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ଶୁଭେଚ୍ଛା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି, ଏହି ଐତିହାସିକ ସଫଳତା ଦେଶବାସୀଙ୍କର ପ୍ରଧାନମନ୍ତ୍ରୀଙ୍କ ଉପରେ ରହିଥିବା ବିଶ୍ୱାସକୁ ସୂଚାଉଛି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ମାଇଲଖୁଣ୍ଟ କୋଟି କୋଟି ଦେଶବାସୀଙ୍କୁ ଆଶା ଓ ଆକାଂକ୍ଷାର ପ୍ରତିଫଳନ ବୋଲି ସାମାଜିକ ଗଣମାଧମରେ ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ପ୍ରଧାନମନ୍ତ୍ରୀ ଭାବେ ଜନ ସେବାର ସର୍ବକାଳୀନ କୀର୍ତ୍ତିମାନ ସ୍ଥାପନ କରିଥିବା ହେତୁ ଶ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ଶ୍ରୀ ମୋଦୀଙ୍କ  କାଳଜୟୀ ସଫଳତା କେବଳ ଶାସନ କାଳର ଏକ କାଳଖଣ୍ଡ ନୁହେଁ, ବରଂ ହିମାଳୟ ସଦୃଶ୍ୟ ଅଟଳ ସଂକଳ୍ପ, ତ୍ୟାଗପୂତ ଜୀବନ, ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ ରାଷ୍ଟ୍ର ନିର୍ମାଣର ଅତୁଳନୀୟ ତପସ୍ୟାର ସ୍ୱୀକୃତି। ଏହା ପ୍ରତିଟି ଭାରତୀୟଙ୍କ ହୃଦୟକୁ ଜୟ କରିବା ସହ ସମସ୍ତଙ୍କ ମନରେ ନୂତନ ଆତ୍ମବିଶ୍ୱାସ ଭରି ଦେଇଛି ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆଜିର ଦିନଟି ସେବା ଓ ସମର୍ପଣର ଏକ ନୂତନ ଭିତ୍ତିମାନ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀଙ୍କ ସମର୍ଥ ନେତୃତ୍ୱରେ ଦେଶ ଜନସେବା ଓ ରାଷ୍ଟ୍ରଗଠନର ମହାନ ଦାୟିତ୍ୱ ସହ ସଫଳତାର ସହ ଆଗକୁ ବଢୁଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ୨୦୪୭ ମସିହା ସୁଦ୍ଧା ବିକଶିତ, ସମୃଦ୍ଧ, ପ୍ରଗତିଶୀଳ ହେବ ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି...

**- V/O -**

ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନର ୧ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଖବର ଆମର ହସ୍ତଗତ ହୋଇଛି ।

Desk

# କ୍ୟାବିନେଟ୍

ଦେଶର ସବୁଠାରୁ ଦୀର୍ଘସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କେନ୍ଦ୍ର କ୍ୟାବିନେଟ୍‌ରେ ପ୍ରଶଂସା କରାଯାଇଛି । ଏ ନେଇ ଏକ ସଂକଳ୍ପ ପାରିତ କରାଯିବା ସହ କ୍ୟାବିନେଟ୍ ସଦସ୍ୟମାନେ ଛିଡ଼ା ହୋଇ ଶ୍ରୀ ମୋଦୀଙ୍କୁ ସମ୍ମାନ ପ୍ରଦର୍ଶନ କରିଛନ୍ତି । ଏ ସମ୍ପର୍କରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି...

**- V/O –**

# ବିଭିଜିରାମଜି

ଦେଶର ଗ୍ରାମୀଣ ବିକାଶ ପାଇଁ ସରକାର ୧ଲକ୍ଷ ୨୫ ହଜାର କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାମ ସିଂ ଚୌହାନ କହିଛନ୍ତି । ବିଭିନ୍ନ ରାଜ୍ୟର ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କ ସହ ଏକ ଆଭାସୀ ବୈଠକରେ ଅଧ୍ୟକ୍ଷତା କରି  ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ପୂର୍ବରୁ ମନରେଗା ଯୋଜନା ଅଧୀନରେ ସରକାର ୩୦ ହଜାର କୋଟି ଟଙ୍କା ଆବଣ୍ଟନ କରିସାରିଛନ୍ତି ।

ଏହା ବ୍ୟତୀତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୯୫ ହଜାର ୬୯୨ କୋଟି ଟଙ୍କା ମଧ୍ୟବର୍ତ୍ତୀକାଳୀନ ଆବଣ୍ଟନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି । ବିକଶିତ ଭାରତ ଜିରାମଜି ଆଇନର କାର୍ଯ୍ୟାନ୍ୱୟନ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ଆସନ୍ତାମାସ ପହିଲାରୁ ଦେଶବ୍ୟାପୀ ଏହି ଆଇନର କାର୍ଯ୍ୟକାରି ହେବ ବୋଲି ଶ୍ରୀ ଚୌହାନ ସୂଚନା ଦେଇଛନ୍ତି।

BBSR/R

## ନୀତି ଆୟୋଗ ବୈଠକ

ନୀତି ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ବୈଠକରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା ସ୍ୱାର୍ଥ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

DHNKL

## ଟାଉନ୍ ହଲ ନିର୍ମାଣ

ଢେଙ୍କାନାଳଠାରେ ଆଜି ପୂର୍ବାହ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ନୂତନ ଗୋପବନ୍ଧୁ ଟାଉନହଲ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୩ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ୩ ମହଲା ବିଶିଷ୍ଟ ଟାଉନହଲରେ ପ୍ରାୟ ୧୨ ଶହ ଦର୍ଶକଙ୍କ ବସିବା ବ୍ୟବସ୍ଥା କରାଯାଇଛି। ଏଥିସହ ବ୍ୟବସ୍ଥିତ ଗାଡ଼ି ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯିବ। ଆଗାମୀ ଦିନରେ ୧୬ କୋଟି ଟଙ୍କା ବ୍ୟୟରେ ନୂତନ ସର୍କିଟ ହାଉସ୍ ଓ ୭୬ କୋଟି ଟଙ୍କା ବ୍ୟୟରେ ନୂତନ କୋର୍ଟ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

Desk

## ଦିଘା ଧାମ

ପଶ୍ଚିମବଙ୍ଗ ଦିଘାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ଅପସାରଣ କରାଯାଇଛି। ଏନେଇ ଗତକାଲି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଶ୍ରୀ ଅଧିକାରୀଙ୍କୁ ଏନେଇ ପତ୍ର ଲେଖି ଅନୁରୋଧ କରିଥିଲେ । ଶ୍ରୀ ମାଝୀ ପତ୍ରରେ ଲେଖିଥିଲେ, ଦିଘା ଜଗନ୍ନାଥଧାମ ନାମକରଣ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦେଉଛି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଶ୍ରୀ

ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ଶ୍ରୀ ମାଝୀ ଅନୁରୋଧ କରିଥିଲେ ।

Desk

## ବ୍ଲକ ନିରୀକ୍ଷଣ କାର୍ଯ୍ୟକ୍ରମ

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବା ପାଇଁ ପୁଲିସ ମହାନିର୍ଦ୍ଦେଶକ ଓ୍ୱାଇ.ବି. ଖୁରାନିଆ ବାର୍ଷିକ ବ୍ଲକ ନିରୀକ୍ଷଣ କାର୍ଯ୍ୟକ୍ରମ ୨୦୨୬ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ୧୫ ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ୧୭ଟି ଜିଲ୍ଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ ଦିଆଯାଇଛି। ଆସନ୍ତା ମାସରୁ ଏହି ଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲା ଗସ୍ତ କରି ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଏବଂ ଥାନାଗୁଡ଼ିକର କାର୍ଯ୍ୟକାରିତା ସମୀକ୍ଷା କରିବେ।

BHK

## ଆମ ଗାଁ, ଆମ ତହସିଲ କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଚରମ୍ପା ଗ୍ରାମ ପଞ୍ଚାୟତ ଭବନରେ ‘ଆମ୍ ଗାଁ, ଆମ ତହସିଲ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ପଟ୍ଟାବଣ୍ଟନ କରିଛନ୍ତି।

Boudh

## ବିକାଶମୂଳକ ଯୋଜନା ବୈଠକ

ବୌଦ୍ଧ ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲା ବିକାଶ ସମନ୍ୱୟ ଓ ପର୍ଯ୍ୟବେକ୍ଷଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ସୁକାନ୍ତ

ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାରେ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା ।

Desk

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟକୁ ଚଳିତ ସପ୍ତାହରେ ସ୍ପର୍ଶ କରିବାର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି ।  ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଜାରି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

***Cuttack/R***

## କଟକ - ରଜୋତ୍ସବ

କଟକ ମହାନଗର ନିଗମ ପକ୍ଷରୁ ରଜପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ତଳ ବାଲିଯାତ୍ରା ପଡ଼ିଆରେ ଥିବା କଟକ ଇନ୍ କଟକରେ ରଜୋତ୍ସବର ଆୟୋଜନ କରାଯିବ । ଏଥିରେ ୨୦୦ରୁ ଅଧିକ ବସ୍ତିପିଲା ସାମିଲ୍ ହେବେ ବୋଲି ମହାନଗର ନିଗମ କମିଶନର କିରଣଦୀପ କୌର ସହୋତା କହିଛନ୍ତି ।